بسم الله الرحمٰن الرحيم

**ଖୁତ୍‌ବା ଜୁମା ୨୫ ଜୁନ୍ ୨୦୨୧ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହ୍‌ଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ଏବଂ ଦ୍ୱିତୀୟ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜ୍ଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜ୍‌ଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ୍‌ଜିଜ୍ କହିଲେ: ବିଗତ ଖୁତ୍‌ବାରେ ହ. ଉମର୍ ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ଜୈଦ୍ ବିନ୍ ଅସ୍‌ଲମା ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଏକଦା ସେ ହ. ଉମର୍ ର.ଅଙ୍କ ସହିତ ମଦିନାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ ସରାର୍ ନାମକ ସ୍ଥାନରେ ଥିଲେ । ସେଠାରେ ସେ ଦେଖିଲେ ଯେ, ଜଣେ ମହିଳା ସହିତ ତା'ର ପିଲାମାନେ ଅଛନ୍ତି ଏବଂ ଚୁଲି ଉପରେ ହାଣ୍ଡିଟିଏ ବସିଛି । ପିଲାମାନେ ଭୋକ ଯୋଗୁଁ ଆଉଟୁ ପାଉଟୁ ହୋଇ ଭେଁ ଭେଁ କାନ୍ଦୁଛନ୍ତି । ହ. ଉମର୍ ର.ଅ ପଚାରିଲେ ଯେ, ଏହି ହାଣ୍ଡିରେ କ'ଣ ଅଛି କି ? ସେହି ମହିଳା ଜଣକ ଉତ୍ତର ଦେଲେ ଯେ, ତହିଁରେ କେବଳ ପାଣି ରହିଛି ଏବଂ ଏହାରି ମାଧ୍ୟମରେ ମୁଁ ନିଜ ପିଲାମାନଙ୍କୁ ସାନ୍ତ୍ୱନା ଦେଉଛି । କାରଣ ସେମାନେ ଯେପରି ଶୋଇ ପଡ଼ନ୍ତୁ । ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ଓ ହ. ଉମର୍ ର.ଅଙ୍କ ମଧ୍ୟରେ ବିଚାର କରିବେ । ହ. ଉମର୍ ର.ଅ କହିଲେ ହେ ନାରୀ ! ଅଲ୍ଲାଃତାଲା ତୁମ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ତୁମ ଅବସ୍ଥା ସଂପର୍କରେ ଉମରଙ୍କୁ କିପରି ଜ୍ଞାତ ହୋଇପାରିବ ? ସେହି ମହିଳା କହିଲା ଯେ, ଆପଣ ସମସ୍ତ ପ୍ରସଙ୍ଗର ନିରୀକ୍ଷକ ଅଟନ୍ତି ଏବଂ ଆମମାନଙ୍କ ଠାରୁ ଅବିଜ୍ଞ ଅଟନ୍ତି ? ଅସ୍‌ଲମ୍ କହନ୍ତି ଯେ, ହ. ଉମର୍ ର.ଅ ମକ୍କା ଓ ମଦିନା ମଧ୍ୟରେ ଅନେକ ପାନ୍ଥଶାଳା ନିର୍ମାଣ କରିଥିଲେ, ଯେଉଁଠି ଯାତ୍ରୀମାନଙ୍କର ଆବଶ୍ୟକତା ନିମନ୍ତେ ପ୍ରତ୍ୟେକ ବସ୍ତୁ ଉପଲବ୍ଧ ଥିଲା । ଆପଣ ର.ଅ ଶୀଘ୍ର ଶୀଘ୍ର ଚାଲି ଗହମର ଗୋଦାମରେ ପହଞ୍ଚିଲେ ଏବଂ ଏକ ବସ୍ତା ଶସ୍ୟ ଏବଂ ଡ଼ବାଏ ତେଲ, ମସଲା, ବନସ୍ପତି ଘିଅର ଥଳି ଧରି କହିଲେ ଯେ, ଏସବୁ ମୋ ହାତରେ ଧରାଇଦିଅ । ଅସ୍‌ଲମ୍ କହିଲେ, ହଜୁର ଏସବୁ ସାମଗ୍ରୀ ମୁଁ ଉଠାଇ ନେଉଛି । କିନ୍ତୁ ହ. ଉମର୍ ର.ଅ ଦୁଇ/ତିନି ଥର କହିଲେ ନା, ଏ ସମସ୍ତ ଜିନିଷ ମୋ ହାତକୁ ଟେକିଦିଅ । ମୋର ଏଭଳି ବାରମ୍ବାର କହିବା ଯୋଗୁଁ ପରିଶେଷରେ ହ. ଉମର୍ ର.ଅ କହିଲେ ଭଗବାନ ତୁମର ମଙ୍ଗଳ କରନ୍ତୁ । କ'ଣ ତୁମେ ପ୍ରଳୟ ଦିବସ ଦିନ ମୋର ଭାରକୁ ବହନ କରିବ ? ଏତଦ୍ ପରେ ଆପଣ ର.ଅ ଉକ୍ତ ଗହମ ବସ୍ତାକୁ ଉଠାଇ ଶୀଘ୍ର ସେହି ମହିଳା ନିକଟରେ ପହଞ୍ଚିଲେ ଏବଂ ଖାଦ୍ୟ ପ୍ରସ୍ତୁତ କରିବାରେ ଉକ୍ତ ମହିଳାକୁ ଆପଣ ର.ଅ ସାହାଯ୍ୟ କଲେ । ଯେପର୍ଯ୍ୟନ୍ତ ଛୋଟ ପିଲାମାନେ ପେଟ ପୂରି ଖାଦ୍ୟ ଖାଇ ଶୋଇ ଯାଇ ନଥିଲେ ସେପର୍ଯ୍ୟନ୍ତ ହ. ଉମର୍ ର.ଅ ସେହି ମହିଳା ଘରେ ହିଁ ଅଟକି ରହିଥିଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ହ. ଉମର୍ ର.ଅଙ୍କ ଓଜସ୍ୱିତା ଏବଂ ପ୍ରଭାବ ଦ୍ୱାରା କୈସର୍ ଏବଂ କିସ୍ରାର ଦେଶମାନେ ଥରହର ହୋଇ ଉଠୁଥିଲେ । କିନ୍ତୁ ଆପଣ ର.ଅ ଜଣେ ଗାଁଉଲି ମହିଳାର ପିଲାମାନଙ୍କୁ ଭୋକିଲା ଦେଖି ବ୍ୟସ୍ତବିବ୍ରତ ହୋଇ ଉଠିଲେ । ସେହି ଲୋକମାନଙ୍କ ସକାଶେ ଯେଉଁମାନଙ୍କ ପକ୍ଷରେ ମନୁଷ୍ୟର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା କଷ୍ଟକର ବ୍ୟାପାର ଅଟେ ଏବଂ ସେମାନେ ନିଜର ଆବଶ୍ୟକତାକୁ ପୂରଣ

କରିବାକୁ ସକ୍ଷମ ନୁହନ୍ତି । ସେମାନଙ୍କର ସର୍ବନିମ୍ନ ଆବଶ୍ୟକତାକୁ ପୂରଣ କରିବା ଇସ୍‌ଲାମୀୟ ରାଷ୍ଟ୍ର ଓ ସରକାରଙ୍କ କର୍ତ୍ତବ୍ୟ ଅଟେ । ଅଭିଭାବକମାନଙ୍କୁ ଯେଉଁ ଭତ୍ତା ପ୍ରଦାନ କରାଯାଏ, ତାହା ମଠ ଏବଂ ଅକର୍ମଣ୍ୟ ସୃଷ୍ଟି କରିବା ସକାଶେ ପ୍ରଯୁଜ୍ୟ ନୁହେଁ । ଇସ୍‌ଲାମ୍ ଧର୍ମ ଯେଉଁଠି ଅଭାବି ତଥା ଦରିଦ୍ର ବ୍ୟକ୍ତିମାନଙ୍କର ଅବସ୍ଥା ପଚାରି ବୁଝିବା ପାଇଁ ଆଦେଶ ଦେଇଥାଏ । ସେଠାରେ ଲୋକମାନଙ୍କୁ ଅନ୍ୟମାନଙ୍କ ଆଗରେ ହାତ ପାତିବାକୁ ବା ଭିକ୍ଷା ମାଗିବାକୁ ମଧ୍ୟ ଅଟକାଇଥାଏ । ଏକଦା ହ. ଉମର୍ ର.ଅ ଜଣେ ଭିକାରୀକୁ ଦେଖିଲେ, ତା'ର ଥଳୀଟି ଅଟା ଦ୍ୱାରା ପୂର୍ଣ୍ଣ ହୋଇଥିଲା ଏବଂ ଏହା ସତ୍ତ୍ୱେ ମଧ୍ୟ ସେ ଭିକ୍ଷା ମାଗି ଚାଲିଥିଲା । ଅତଏବ ହ. ଉମର୍ ର.ଅ ସେହି ବ୍ୟକ୍ତି ଠାରୁ ଅଟା ଥଳୀଟି ନେଇ ଓଟ ଆଗରେ ପକାଇ ଦେଲେ ଏବଂ ତା'କୁ କହିଲେ 'ଏବେ ଯା ଭିକ୍ଷା ମାଗିବୁ' ।

ହ. ଉମର୍ ର.ଅଙ୍କ ସ୍ୱାଧୀନପ୍ରାପ୍ତ ଦାସ ଯାହାଙ୍କ ନାମ ଅସ୍‌ଲମ୍ ଥିଲା, ସେ ଆଉ ଏକ ଘଟଣା ବର୍ଣ୍ଣନା କରନ୍ତି ଯେ, ଏକଦା ବଣିକମାନଙ୍କର ଏକ ଗୋଷ୍ଠୀ ମଦିନାକୁ ଆସିଲା । ହ. ଉମର୍ ର.ଅ ହ. ଅବ୍‌ଦୁଲ୍ ରହେମାନ ବିନ୍ ଔଫ୍ ର.ଅଙ୍କୁ ସାଙ୍ଗରେ ଧରି ପ୍ରହରା ଦେବା ସକାଶେ ଘରୁ ପ୍ରସ୍ଥାନ କଲେ । ଜଣେ ଛୋଟ ଶିଶୁର କାନ୍ଦିବାର ଶବ୍ଦକୁ ହ. ଉମର୍ ର.ଅ ଶୁଣି ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ । ତେଣୁ ହ. ଉମର୍ ର.ଅ ସେହି ଶିଶୁର ମା'କୁ ଶିଶୁର ଯତ୍ନ ନେବା ପ୍ରତି ଧ୍ୟାନ ଆକର୍ଷଣ କଲେ । କିନ୍ତୁ ଛୋଟ ଶିଶୁଟି ସାରା ରାତି କାନ୍ଦି ଚାଲିଥିଲା । ସକାଳ ହେବା କ୍ଷଣି ହ. ଉମର୍ ର.ଅ ତତ୍‌କ୍ଷଣାତ ସେହି ମହିଳାର ଶିବିର ମଧ୍ୟକୁ ଗଲେ ଏବଂ ଶିଶୁଟିର କାନ୍ଦିବାର କାରଣ ସଂପର୍କରେ ପଚାରିଲେ । ସେହି ମହିଳା ଜଣକ କହିଲେ ଯେ, ମୁଁ ଶିଶୁକୁ ମା' କ୍ଷୀର ବ୍ୟତୀତ ଅନ୍ୟ ଆହାର ପ୍ରତି ଆକୃଷ୍ଟ କରିବାକୁ ପୂର୍ଣ୍ଣ ପ୍ରୟାସ କଲି କିନ୍ତୁ ଶିଶୁଟି କେବଳ ତା'ର ମା' କ୍ଷୀର ପାନ କରିବାକୁ ଚାହୁଁଛି । ହ. ଉମର୍ ର.ଅ ପ୍ରଶ୍ନ କଲେ ତାହା କିପରି ? ପ୍ରତ୍ୟୁତ୍ତରରେ ଉକ୍ତ ମହିଳାଟି କହିଲା । ହେ ଉମର୍ ! ଆପଣ ତ' କେବଳ ସେହି ପିଲାମାନଙ୍କର ଭତ୍ତା ଧାର୍ଯ୍ୟ କରିଛନ୍ତି ଯେଉଁ ପିଲାମାନେ ମା' କ୍ଷୀର ଛାଡ଼ି ଦେଇଛନ୍ତି । କିନ୍ତୁ ଯେଉଁ ଶିଶୁମାନେ ମା' କ୍ଷୀର ଛାଡ଼ି ନାହାନ୍ତି ସେମାନଙ୍କ ପାଇଁ କୌଣସି ଓଜିଫାର ବ୍ୟବସ୍ଥା ନାହିଁ । ଅତଃ ହ. ଉମର୍ ର.ଅ ସେହି ଶିଶୁର ବୟସ ପଚାରିଲେ ଏବଂ କହିଲେ ଶିଶୁଙ୍କୁ ମା' କ୍ଷୀର ଛଡ଼ାଇବାରେ ଏତେ ଶୀଘ୍ରତା କର ନାହିଁ । ସେହି ଦିନ ଯେତେବେଳେ ଆପଣ ର.ଅ ଲୋକମାନଙ୍କୁ ଫଜର ନମାଜ ପଢାଇଲେ ସେତେବେଳେ ଜଣେ ଶିଶୁର କାନ୍ଦିବା ଯୋଗୁଁ ଆପଣ ର.ଅଙ୍କ କିରଅତ୍ (ପଠନ ଶୈଳୀ) ସ୍ପଷ୍ଟ ହୋଇପାରୁ ନଥିଲା । ଆପଣ ର.ଅ କହିଲେ (ସ୍ୱୟଂକୁ) ହେ ଉମର୍ ! ତୋର ଅନିଷ୍ଟ ହେଉ । ତୁ ଅନେକ ମୁସଲମାନ ଶିଶୁଙ୍କର ହତ୍ୟା କରିଦେଇଛୁ । ଏତଦ୍‌ପରେ ଆପଣ ର.ଅ ଏହି ଘୋଷଣା କରିଦେଲେ ଯେ, ଛୋଟ ଶିଶୁଙ୍କୁ ମା' କ୍ଷୀର ଛଡ଼ାଇବାରେ ଶୀଘ୍ରତା କର ନାହିଁ । ମୁଁ ଆଜିଠୁ ସମସ୍ତ ନବଜନ୍ମିତ ଶିଶୁମାନଙ୍କର ଓଜିଫା (ଭତ୍ତା) ଧାର୍ଯ୍ୟ କରୁଛି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ଏକ ରାତ୍ରରେ ହ.ଅ ଉମର୍ ର.ଅ ଯେତେବେଳେ ନଗର ପରିକ୍ରମା ତଥା ଗସ୍ତ କରୁଥିଲେ ସେତେବେଳେ ଆପଣ ର.ଅ ଜଣେ ମହିଳାକୁ ପ୍ରେମପୂର୍ଣ୍ଣ କବିତା ପଢୁଥିବାର ଶୁଣିଲେ। ଅତଏବ ଆପଣ ର.ଅ ଅନୁସନ୍ଧାନ କଲେ । ଫଳତଃ ଆପଣଙ୍କୁ ଜ୍ଞାତ ହେଲା ଯେ, ତା'ର ସ୍ୱାମୀ ସେନାରେ ଅଛି ଏବଂ ଦୀର୍ଘ ଦିନ ଧରି ଘରୁ ବାହାରେ ଅଛି । ସୁତରାଂ ଆପଣ ର.ଅ ଆଦେଶ ଦେଲେ ଯେ, କୌଣସି ସୈନ୍ୟ ୪ ମାସରୁ ଊର୍ଦ୍ଧ୍ୱ ଦିନ ନିଜ ପରିବାର ଠାରୁ ଅଲଗା ନରହୁ ।

ସେହିପରି ଏକ ରାତ୍ରରେ ହ. ଉମର୍ ର.ଅ ବାହ୍ୟ ଭାଗରେ ଥିଲେ । ଏକ ଶିବିରରୁ କୌଣସି ମହିଳାର ପ୍ରସବ ପୀଡ଼ାର ଶବ୍ଦ ଶୁଭିଲା । ଆପଣ ର.ଅ ସେହି ମହିଳାର ଅବସ୍ଥା ପଚାରି ବୁଝିଲେ । ସେହି ମହିଳା ଜଣକ ହ. ଉମର୍ ର.ଅଙ୍କୁ କହିଲା ଯେ, ହେ ଉମର୍ ର.ଅ ! ମୁଁ ପରଦେଶୀ ମହିଳା ଅଟେ ଏବଂ ମୋ ନିକଟରେ କିଛି ନାହିଁ । ଫଳତଃ ହ. ଉମର୍ ର.ଅ ନିଜ ଘରକୁ ଫେରି ଆସିଲେ ଏବଂ ନିଜର ପତ୍ନୀ ହ. ଉମ୍ମେ କୁଲ୍‌ସୁମ୍ ବିନ୍‌ତ୍ ଅଲୀଙ୍କୁ ପ୍ରସୂତି ଜନିତ ସମସ୍ତ ଜିନିଷ ଯଥା- ଅଟା, ତୈଳ, ଚର୍ବି ଆଦି ଧରି ଉକ୍ତ ମହିଳା ପାଖରେ ପହଞ୍ଚିଲେ । ହ. ଉମର୍ ର.ଅ ସେହି ପରଦେଶୀ ମହିଳାର ସ୍ୱାମୀ ସହିତ ଶିବିର ବାହାରେ ବସିଥିଲେ କି ଉମ୍ମେ କୁଲ୍‌ସୁମ୍ ର.ଅ ଆସି ହ. ଉମର୍ ର.ଅଙ୍କୁ

କହିଲେ ହେ ଅମୀରୁଲ୍ ମୁମିନିନ୍ ! ଆପଣ ନିଜ ସାଥିଙ୍କୁ ପୁତ୍ର ସନ୍ତାନ ହେବାର ଶୁଭ ସମାଚାର ଦେଇ ଦିଅନ୍ତୁ । ସୁତରାଂ ସେହି ବ୍ୟକ୍ତି ଯେତେବେଳେ ହ. ଉମର୍ ର.ଅଙ୍କ ସଂକ୍ରାନ୍ତରେ "*ଅମୀରୁଲ୍ ମୁମିନିନ୍*"ର ଶବ୍ଦ ଶୁଣିଲା ସେତେବେଳେ ସେ ଜାଣି ପାରିଲା ଯେ, ଆପଣ ହ. ଉମର୍ ର.ଅ ଅଟନ୍ତି ।

ହ. ଅଲୀ ର.ଅ କହନ୍ତି ଯେ, ଏକଦା ମୁଁ ହ. ଉମର୍ ର.ଅଙ୍କୁ ଦ୍ରୁତ ବେଗରେ କେଉଁଠିକୁ ଯାଉଥିବାର ଦେଖିଲି । ଅତଏବ ମୁଁ ହ. ଉମର୍ ର.ଅଙ୍କୁ ପଚାରିଲି ଯେ, ହେ ଅମୀରୁଲ୍ ମୁମିନିନ୍ ! ଆପଣ କୁଆଡ଼େ ଯାଉଛନ୍ତି ? ହ. ଉମର୍ ର.ଅ ଉତ୍ତର ଦେଲେ ଯେ, ଦାନର ଗୋଟିଏ ଓଟ ଖସି ପଳାଇଛି, ତାକୁ ଖୋଜିବାକୁ ବାହାରିଛି । ହ. ଅଲୀ ର.ଅ କହିଲେ ଆପଣ ନିଜର ପରବର୍ତ୍ତୀ ଖଲିଫାମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଦେଇଛନ୍ତି । ହ. ଉମର୍ ର.ଅ ଉତ୍ତର ଦେଲେ ଯେ, ଅଲୀ ! ତୁମେ ମୋତେ ନିନ୍ଦା କର ନାହିଁ । ମୁଁ ସେହି ସତ୍ତାଙ୍କ ଶପଥ କରି କହୁଛି ! ଯିଏ ହ. ମୁହମ୍ମଦ ସ.ଅଙ୍କୁ ନବୁୱତ୍ (ଅବତାରତ୍ୱ) ସହିତ ପ୍ରେରଣ କରିଥିଲେ । ଯଦି ଫୁରାତ୍ ସମୁଦ୍ର ତଟରେ ଛେଳି ଛୁଆ ହଜିଯାଏ କିମ୍ବା ମୃତ୍ୟୁ ବରଣ କରେ ତେବେ ପ୍ରଳୟ ଦିବସ ଦିନ ହ. ଉମର୍ ର.ଅଙ୍କ ଧରପକଡ଼ ଅର୍ଥାତ ହିସାବ କିତାବ ହେବ ।

ଏକ ବହୁତ ବଡ଼ ଖ୍ରୀଷ୍ଟିୟ ସଂପ୍ରଦାୟର ଅଧିପତି ଜବ୍‌ଲା ବିନ୍ ଐହମ୍ ମୁସଲମାନ ଧର୍ମରେ ଦୀକ୍ଷିତ ହେଲା ଏବଂ ହଜ୍ ଅବସରରେ କୌଣସି ଗରିବ ମୁସଲମାନ ବ୍ୟକ୍ତିର ଗୋଡ଼ ଭୁଲବଶତଃ ତା' ପାଦ ଉପରେ ପଡ଼ିଗଲା । ଜବ୍‌ଲା କ୍ରୋଧରେ ଜର୍ଜରିତ ହୋଇ ସେହି ଗରିବ ମୁସଲମାନ ବ୍ୟକ୍ତିକୁ ଚାପୁଡ଼ା ମାରିଦେଲା । କୌଣସି ବ୍ୟକ୍ତି କହିଲା ହ. ଉମର୍ ର.ଅଙ୍କ ନିକଟରେ ତୁମ ବିରୁଦ୍ଧରେ ଯଦି ଅଭିଯୋଗ ହୋଇଯାଏ ତାହାହେଲେ ସେ ତୁମ ଠାରୁ ସେହି ଗରିବ ମୁସଲମାନ ବ୍ୟକ୍ତିର ପ୍ରତିଶୋଧ ନେବେ । ଏହା ଶୁଣି ସେ ଶୀଘ୍ର ଶୀଘ୍ର ଖାନା କାଆବାର ପରିକ୍ରମା କଲା ଏବଂ ସିଧା ସଳଖ ଯାଇ ହ. ଉମର୍ ର.ଅଙ୍କ ସଭାରେ ପହଞ୍ଚିଲା ଏବଂ ପଚାରିଲା ଯେ, ଯଦି କୌଣସି ଛୋଟ ବ୍ୟକ୍ତି ବଡ଼ ଲୋକ ଉପରକୁ ହାତ ଉଠାଇଦିଏ ତାହାହେଲେ ଆପଣ କ'ଣ କରିବେ ? ହ. ଉମର୍ ର.ଅ ପ୍ରତ୍ୟୁତ୍ତରରେ କହିଲେ : ଇସ୍‌ଲାମ୍ ଧର୍ମରେ ବଡ଼ ସାନ ଭଳି କୌଣସି ବାଛ ବିଚାର ନାହିଁ । ପୁନଶ୍ଚ ହ. ଉମର୍ ର.ଅ କହିଲେ ତୁମେ ଏହି ଦୋଷ କରି ନାହଁ ତ' ? ପ୍ରତ୍ୟୁତ୍ତରର ସେ ମିଥ୍ୟା କଥା କହିଲା ଏବଂ କହିଲା ଯେ, ମୁଁ ତ' କୌଣସି ବ୍ୟକ୍ତିକୁ ଚାପୁଡ଼ା ମାରି ନାହିଁ ! ମୁଁ ତ' କେବଳ ଆପଣ ର.ଅଙ୍କୁ ଗୋଟିଏ କଥା ପଚାରିଛି । କିନ୍ତୁ ସେ ସେହି ସଭାରୁ ଉଠିଲା ଏବଂ ନିଜ ସାଥିମାନଙ୍କୁ ଧରି ନିଜ ଦେଶ ଅଭିମୁଖେ ପଳାୟନ କଲା ଏବଂ ନିଜ ସଂପ୍ରଦାୟ ସମେତ ଇସ୍‌ଲାମ୍ ଧର୍ମରୁ ଓହରିଗଲା ଏବଂ ମୁସଲମାନମାନଙ୍କ ବିରୁଦ୍ଧରେ ରୋମୀୟମାନଙ୍କ ସହିତ ମିଶି ରୋମୀୟମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ସାହାଯ୍ୟ କଲା । କିନ୍ତୁ ହ. ଉମର୍ ର.ଅ ଜବ୍‌ଲାକୁ ଭୃକ୍ଷେପ କଲେ ନାହିଁ । ଏହା ହିଁ ସେହି ସମନ୍ୱୟତା ଥିଲା ଯେଉଁ ସମନ୍ୱୟତାକୁ ଇସ୍‌ଲାମୀୟ ଶାସନ ନୀତି ସ୍ଥାପନ କରିଥିଲା ଏବଂ ଆଜି ଇସ୍‌ଲାମୀୟ ରାଷ୍ଟ୍ର ପାଇଁ ଏହା ଏକ ଶିକ୍ଷା ଅଟେ । ହ. ଉମର୍ ର.ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା ହେବ ।

ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କ ନମାଜ ଯନଜାଃ ସଂପର୍କରେ ଚର୍ଚ୍ଚା କରିବି ଏବଂ ନମାଜ ଜୁମା ପରେ ଏହି ମୃତକମାନଙ୍କର ନମାଜ ଯନାଜାଃ ପଢାଇବି । ତନ୍ମଧ୍ୟରୁ **ସର୍ବପ୍ରଥମ** ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ଅବ୍‌ଦୁଲ୍ ଓହିଦ୍ ସାହାବେ ୱଡ଼ାଇଚ୍ ସାହେବଙ୍କର । ସେ ଜର୍ମାନୀ ଦେଶ ଅନ୍ତର୍ଗତ ୱାଲ୍‌ଡ୍ ଶଟ୍‌ର ସଭାପତି (ସଦର୍ ଜମାଅତ୍) ଥିଲେ । ସେହିପରି ସେ ଜର୍ମାନୀର ପୂର୍ବତନ ସଦର୍ ଖୁଦାମୁଲ୍ ଅହେମଦିୟା ଥିଲେ ଏବଂ ସୁଇଜରଲ୍ୟାଣ୍ଡର ପୂର୍ବତନ ଜାତୀୟ ତରବିୟତ୍ ସେକ୍ରେଟାରୀ ମଧ୍ୟ ଥିଲେ । ମେ ମାସ ୧୨ ତାରିଖ ଦିନ ମାଉଣ୍ଟ ଏଭରେଷ୍ଟ ପର୍ବତକୁ ସଫଳତାର ସହିତ ଅତିକ୍ରମ କରି ପର୍ବତ ଶୃଙ୍ଗରେ ପହଞ୍ଚି ସେଠାରେ ଅହେମଦିୟତ୍‌ର ବାନ ଉଡ଼ାଇବା ପରେ ନିମ୍ନ ଭୂମିକୁ ଅବତରଣ କରିବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବା ଫଳରେ ୪୧ ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।** ସ୍ୱର୍ଗତଙ୍କ ପରିବାରରେ ବିଧବା ପତ୍ନୀଙ୍କ ବ୍ୟତୀତ ତିନି ପୁତ୍ର ଓ ଦୁଇ ଜଣ ପୁତ୍ରୀ ଅଛନ୍ତି । ଏହା ବ୍ୟତୀତ ସ୍ୱର୍ଗତଙ୍କର ଗୋଟିଏ ଭାଇ ଏବଂ ଦୁଇ ଭଉଣୀ ମଧ୍ୟ

ଅଛନ୍ତି । ସ୍ୱର୍ଗତ ୱହିଦ୍ ସାହେବ ଜଣେ ଆଦର୍ଶ ଅହେମଦି ଥିଲେ । ସେ ଜଣେ ପ୍ରକୃତ ମାନବ ସେବକ ମଧ୍ୟ ଥିଲେ । ହଜୁର ଅ.ବ କହିଲେ କି ସେ ମୋତେ ସାକ୍ଷାତ୍ ମଧ୍ୟ କରିଥିଲେ ଏବଂ ସ୍ୱର୍ଗତ ଓହିଦ୍ ସାହେବ କହନ୍ତି ମୁଁ ଏହି ସଂକଳ୍ପ ନେଲି ଯେ, ମୁଁ ସପ୍ତ ମହାଦେଶର ପର୍ବତ ଶିଖରକୁ ଜୟ କରି ସେହି ପର୍ବତଗୁଡ଼ିକର ଶୃଙ୍ଗରେ ଅହେମଦିୟତର ବାନା ଉଡ଼ାଇବି । ହଜୁର ଅ.ବ କହିଲେ ଯଦି ତୁମେ ଏହି ପର୍ବତ ଶୃଙ୍ଗଗୁଡ଼ିକୁ ପାରି କରିପାରୁଛ ତାହାହେଲେ ଅବଶ୍ୟ ସେଠାକୁ ଯାଅ ଏବଂ ସେଠାରେ ଅହେମଦିୟତ୍‌ର ବାନା ଉଡ଼ାଅ । ସେ ଯାହା ହେଉ ନା କାହିଁକି ହଜୁର ଅ.ବ କହନ୍ତି ଯେ, ମୋ ବିଚାରରେ ନିଃସନ୍ଦେହ ରୂପେ ସ୍ୱର୍ଗତ ଓହିଦ୍ ସାହେବ ନିଜର ପୁଣ୍ୟାଭିଳାଷୀ ଅବେଗ ମନୋବୃତ୍ତିର ସହିତ ଇସ୍‌ଲାମ୍, ଅହେମଦିୟତ୍ ଓ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ବାର୍ତ୍ତା ପହଞ୍ଚାଇବା ସକାଶେ ଯଥାସମ୍ଭବ ପ୍ରୟାସ କରିଛନ୍ତି ଏବଂ ତହିଁରେ ସେ ସଫଳ ମଧ୍ୟ ହୋଇ ପରିଶେଷରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଉପସ୍ଥିତ ହୋଇଗଲେ । ହଜୁର ଅ.ବ କହିଲେ ନିଃସନ୍ଦେହ ରୂପେ ସ୍ୱର୍ଗତ ଓହିଦ୍ ସାହେବ ଶାହାଦତ୍‌ର ମର୍ଯ୍ୟାଦା ଲାଭ ପାଇଛନ୍ତି । ଅଲ୍ଲାଃତାଲାଙ୍କ ନିକଟରେ ଏତିକି ଗୁହାରି ଯେ, ଅଲ୍ଲାଃତାଲା ସ୍ୱର୍ଗତ ଓହିଦ୍ ସାହେବଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରି ଶୁହଦାଙ୍କ ମଧ୍ୟରେ ସ୍ୱର୍ଗତଙ୍କୁ ଅନ୍ତର୍ଭୁକ୍ତ କରନ୍ତୁ । ଆମିନ୍ ।

**ଦ୍ୱିତୀୟ ଯନାଜାଃ** ହେଉଛି ସମ୍ମାନନୀୟା ସ୍ୱର୍ଗତା ଅମତୁନ୍ ନୁର୍ ସାହେବାଙ୍କର । ସ୍ୱର୍ଗତା ଡ଼ାକ୍ତର ଅବ୍‌ଦୁଲ୍ ମାଲିକ ଶମିମ୍ ସାହେବଙ୍କର ପତ୍ନୀ ଥିଲେ ଏବଂ ମୌଲବୀ ଅବ୍‌ଦୁଲ୍ ବାକି ସାହେବଙ୍କର ସୁପୁତ୍ରୀ ଥିଲେ । ସ୍ୱର୍ଗତା ଅମତୁର୍ ରଶିଦ୍ ବେଗମ୍ ଓ ମିଆଁ ଅବ୍‌ଦୁର ରହେମାନ ସାହେବଙ୍କ ସୁପୁତ୍ରୀ ଥିଲେ । ଚଳିତ ଜୁନ ମାସ ୧୫ ତାରିଖ ଦିନ ୱାଶିଂଟନ ଠାରେ ତାଙ୍କର ଦେହାନ୍ତ ହୋଇଛି । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । ସ୍ୱର୍ଗତା ହ. ମସିହ୍ ମଉଦ୍ ଅ.ସଙ୍କ ଅଣନାତୁଣୀ ଏବଂ ସେହିପରି ଆଇ ମା'ଙ୍କ ଆଡୁ ହ. ଖଲିଫତୁଲ୍ ମସିହ୍ ଅୱଲ୍ (ପ୍ରଥମ ଖଲିଫା)ଙ୍କ ଅଣ ନାତୁଣୀ ଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଓ ହ. ସୟେଦନା ଅମତୁଲ୍ ହଇ ସାହେବାଙ୍କ ନାତୁଣୀ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ହ. ପ୍ରଫେସର ଅଲୀ ଅହେମଦ୍ ଅଫ୍ ବିହାରଙ୍କ ପୌତ୍ରୀ ଥିଲେ । ତୃତୀୟ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ବିସ୍‌ମିଲ୍ଲାଃ ବେଗମ୍ ସାହେବାଙ୍କର । ତାଙ୍କ ପିତାଙ୍କ ନାମ ନାସିର୍ ଅହେମଦ ଖାନ୍ ସାହେବ ବାହାଦୁର୍ ଶେର ସାହେବ, ହିଫାଜତେ ଖାସ୍ (ବିଶେଷ ଅଙ୍ଗରକ୍ଷୀ) ଥିଲେ । ଚତୁର୍ଥ ଯନାଜାଃ ହେଉଛି କର୍ନଲ୍ ଜାୱେଦ୍ ରୁଶ୍‌ଦି ସାହେବଙ୍କର । ସେ ଚୌଧୁରୀ ଅବ୍‌ଦୁଲ୍ ଗନି ରୁଶ୍‌ଦି ଅଫ୍ ରାୱଲପିଣ୍ଡିଙ୍କର ସୁପୁତ୍ର ଥିଲେ । ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍ ।**

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ୍‌କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକରୁଲ୍ଲାହି ଅକ୍‌ବର୍।**

.....................................

KHULASA KHUTBA JUMA HUZOOR ANWAR a.b.a
24th June 2021